# NEWS CLIPPINGS

## ସି.ଭି. ରମଣ ଇଞ୍ଜିନିୟରିଂ କଲେଜରେ ବିଶ୍ୱସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ




ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,(ବ୍ୟୁରୋ)– ସି.ଭି. ରମଣ ଇଞ୍ଜିନିୟରିଂ କଲେଜର ଇଲେକ୍ଟ୍ରୋନିକ୍ସ ଟେଲି କମ୍ୟୁନିକେଶନ ବିଭାଗ ଏବଂ ଆଇ–ଟ୍ରିପଲ୍ 'ଇ' କଲିକତା ଶାଖାର ମିଳିତ ଉଦ୍ୟମରେ ତିନିଧରି ଚାଲିଥିବା ବିଶ୍ୱସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଗତ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ କଲେଜ ପରିସରରେ ଏହି ସମ୍ମିଳନୀ ଚାଲିଥିଲା। ମଣିଷ ଏବଂ ଯାନ୍ତ୍ରିକ ସହ ସମ୍ବନ୍ଧ ଶୀର୍ଷକ ପ୍ରସଙ୍ଗ ଉପରେ ଆୟୋଜିତ ଏହି ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ନାଲ୍କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସିଏମ୍‌ଡି)ଟି.କେ. ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଚାନ୍ଦ କହିଥିଲେ, ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ସଫଳ ହେବା ପାଇଁ ନିଜ ବ୍ୟବହାର, କୁଶଳତା, ଦକ୍ଷତା ବୃଦ୍ଧି ସହ ଜ୍ଞାନ ଆହରଣ କରିବା ଉଚିତ। ଏଥିରେ ସି.ଭି. ରମଣ କଲେଜ ଅଧ୍ୟକ୍ଷ ସଂଜୀବ କୁମାର ରାଉତ, ନିମନ୍ତ୍ରିତ ଯନ୍ତ୍ରୀ, ଗବେଷକ, ବୈଜ୍ଞାନିକ, ଶିଳ୍ପପତି ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ ମୁଖ୍ୟଅତିଥି ଚାନ୍ଦ କଲେଜ ପରିସର ବୁଲି ଦେଖିଥିଲେ।

The Dharitri
22.12.2015